# NATIONAL NEWS BULLETIN (ODIA)

**23 April - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପଶ୍ଚିବଙ୍ଗରେ ପ୍ରଥମ ପର୍ଯ୍ୟାୟ ଏବଂ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ଜାରି ରହିଛି ମତଗ୍ରହଣ ।

- ଅପରାହ୍ଣ ଗୋଟାଏ ସୁଦ୍ଧା ପଶ୍ଚିମବଙ୍ଗରେ ୬୨ ପ୍ରତିଶତ ଓ ତାମିଲନାଡୁରେ ୫୬ ପ୍ରତିଶତରୁ ଅଧିକ ହୋଇଛି ମତଦାନ ।

- ଭାରତର ବୈଦେଶିକ ନୀତିରେ ଆଫ୍ରିକା ଅଗ୍ରାଧିକାର ସ୍ଥାନ ନେଇଛି - କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

- ଉତ୍ତରପ୍ରଦେଶ ମୀର୍ଜାପୁରରେ ଏକ ସଡ଼କ ଦୁର୍ଘଟଣାରେ ୧୧ଜଣଙ୍କ ମୃତ୍ୟୁ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନଇ ସୁପରକିଙ୍ଗ୍‌ସ ମଧ୍ୟରେ ହେବ ମୁକାବିଲା ।

---

## ଇଲେକ୍ସନ

ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ଏବଂ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ଭୋଟ୍‌ଗ୍ରହଣ ଜାରି ରହିଛି । ସକାଳ ୭ଟାରୁ ଆରମ୍ଭ

ହୋଇଥିବା ମତଦାନ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ । ଅପରାହ୍ଣ ଗୋଟାଏ ସୁଦ୍ଧା ପଶ୍ଚିମବଙ୍ଗରେ ୬୨ ପ୍ରତିଶତରୁ ଅଧିକ ଏବଂ ତାମିଲନାଡୁରେ ୫୬ ପ୍ରତିଶତରୁ ଅଧିକ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି ।

ତାମିଲନାଡୁରେ ୨୩୪ଟି ବିଧାନସଭା ଆସନ ପାଇଁ ୪ ହଜାର ୨୩ ଜଣ ପ୍ରାର୍ଥି ନିର୍ବାଚନ ଲଢୁଛନ୍ତି । ରାଜ୍ୟରେ ୭୫ ହଜାର ୬୪ଟି ଭୋଟ୍‌ଗ୍ରହଣ କେନ୍ଦ୍ରରେ ମତଦାନ ଚାଲିଛି । ସେଥିମଧ୍ୟରେ ୨୪୯ଟି ଆଦର୍ଶ ଭୋଟ୍‌ଗ୍ରହଣ କେନ୍ଦ୍ର, ୩୪୫ଟି ମହିଳା ପରିଚାଳିତ କେନ୍ଦ୍ର, ୭୧ଟି ଦିବ୍ୟାଙ୍ଗ ପରିଚାଳିତ ଭୋଟ୍‌ଗ୍ରହଣ କେନ୍ଦ୍ର ଏବଂ ୭୯ଟି ଯୁବ ପରିଚାଳିତ ଭୋଟ୍‌ଗ୍ରହଣ କେନ୍ଦ୍ର ରହିଛି ।

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟଲାଗି ଆଜି ୧୬ଟି ଜିଲ୍ଲାର ୧୫୨ଟି ଆସନରେ ମତଗ୍ରହଣ କରାଯାଉଛି । ୧ ହଜାର ୪୭୮ ଜଣ ପ୍ରାର୍ଥୀ ଏହି ନିର୍ବାଚନରେ ଲଢୁଛନ୍ତି । ସେଥିମଧ୍ୟରେ ୧୮୭ ଜଣ ମହିଳା ପ୍ରାର୍ଥୀ ରହିଛନ୍ତି । ଏହି ପର୍ଯ୍ୟାୟ ପାଇଁ ପ୍ରାୟ ୩ ହଜାର ସହାୟକ ବୁଥ୍ ସମେତ ୪୪ ହଜାର ୩୦୬ଟି ବୁଥ୍‌ରେ ଭୋଟ ଗ୍ରହଣ କରାଯାଉଛି । ସେଥିମଧ୍ୟରେ ୭ହଜାର ୩୮୪ଟି ବୁଥ୍‌କୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି । ୫ ହଜାର ୪୪୪ଟି ବୁଥ୍ ମହିଳାଙ୍କ ଦ୍ୱାରା ପରିଚାଳିତ ହେବା ସହିତ ୨୦୭ଟି ମଡେଲ୍ ବୁଥ୍ ରହିଛି ।

ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୨୯ ତାରିଖ ବୁଧବାର ଦିନ ଅନୁଷ୍ଠିତ ହେବ ।

# ପିଏମ୍-ଓ୍ୱେଷ୍ଟବେଙ୍ଗଲ

ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ପ୍ରଚାରକାର୍ଯ୍ୟ ଚାଲିଛି । ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପଶ୍ଚିମବଙ୍ଗର କୃଷ୍ଣନଗରଠାରେ ଏକ ଜନସମାବେଶକୁ ସମ୍ବୋଧିତ କରି କହିଛନ୍ତି କେନ୍ଦ୍ର ସରକାର ସବ୍ କା ସାଥ୍ ସବ୍ କା ବିକାଶ ଦୃଷ୍ଟିକୋଣ ଆଧାରରେ ଆଗକୁ ବଢୁଛି । ପଶ୍ଚିବଙ୍ଗରେ ବିଜେପି ସରକାର ଗଠନ କଲେ ନାଗରିକ ସଂଶୋଧନ ଆଇନ୍ ୨୦୧୯ ତ୍ୱରାନ୍ୱିତ ହେବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O (PM)**

ଅନ୍ୟପକ୍ଷରେ ତୃଣମୂଳ କଂଗ୍ରେସ ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେତେକ ନିର୍ବାଚନ ର୍‍ୟାଲିରେ ଅଂଶଗ୍ରହଣ କରି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ଅନ୍ୟ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ମଧ୍ୟ ବିଭିନ୍ନ ସ୍ଥାନରେ ଜନସମାବେଶ ଏବଂ ରୋଡ ଶୋ’ ମାଧ୍ୟମରେ ନିର୍ବାଚନ ପ୍ରଚାର କରାଯାଇଛି ।

# ଇଣ୍ଡିଆ-ଆଫ୍ରିକା ସମିଟ୍

ସାମ୍ପ୍ରତିକ ବିଶ୍ୱ ଭୂ-ରାଜନୈତିକ ଆହ୍ୱାନ ମଧ୍ୟରେ ଭାରତ-ଆଫ୍ରିକା ଦ୍ୱିପାକ୍ଷିକ ସହଭାଗିତା ଉପରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଗୁରୁତ୍ୱ ପ୍ରଦାନ କରିଛନ୍ତି । ଚତୁର୍ଥ ଭାରତ ଆଫ୍ରିକା ଶିଖର ସମ୍ମିଳନୀ

୨୦୨୬ର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ପ୍ରାକ୍ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ଶ୍ରୀ ଜୟଶଙ୍କର କହିଛନ୍ତି ଭାରତର ବୈଦେଶିକ ନୀତିରେ ଆଫ୍ରିକା ଏକ ପ୍ରମୁଖ ସ୍ଥାନ ଅଧିକାର କରିଛି । ଦୁଇଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ବ୍ୟାପକ ହୋଇଛି । ଭାରତ ନେତୃତ୍ୱାଧୀନ ବିଶ୍ୱ ପଦକ୍ଷେପରେ ଆଫ୍ରିକୀୟ ରାଷ୍ଟ୍ରଗୁଡ଼ିକ ପ୍ରମୁଖ ଅଂଶୀଦାର ପାଲଟିଛନ୍ତି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି । ଆଫ୍ରିକାର ବୃହତ୍ ବାଣିଜ୍ୟିକ ଅଂଶୀଦାର ଭାବେ ଭାରତ ନିଜର ଭୂମିକା ନିର୍ବାହ କରୁଛି । ଦ୍ୱିପାକ୍ଷିକ ନିବେଶକଙ୍କ ମଧ୍ୟରେ ମଧ୍ୟ ଭାରତ ଆଫ୍ରିକା ପାଇଁ ଏକ ପ୍ରମୁଖ ରାଷ୍ଟ୍ରଭାବେ ଉଭା ହୋଇଛି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି । ଆଫ୍ରିକା ମହାଦେଶର ପ୍ରତ୍ୟେକ କ୍ଷେତ୍ର ସହିତ ସାମିଲ ହେବା ଭାରତର ଦୀର୍ଘକାଳୀନ ଅଙ୍ଗୀକାରବଦ୍ଧତାକୁ ପ୍ରତିଫଳନ କରୁଛି । ବିଶ୍ୱ ଶାସନ ପ୍ରକ୍ରିୟାରେ ଭାରତ ଆଫ୍ରିକାକୁ ନିରନ୍ତର ସମର୍ଥନ ପ୍ରଦାନ କରିଆସୁଛି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

ଏହି ଅବସରରେ ଡକ୍ଟର ଜୟଶଙ୍କର ସମ୍ମିଳନୀର ଲୋଗୋ, ପ୍ରସଙ୍ଗ ଏବଂ ୱେବ୍‌ସାଇଟ୍ ଉନ୍ମୋଚନ କରିଛନ୍ତି । ଚତୁର୍ଥ ଭାରତ-ଆଫ୍ରିକା ଶିଖର ସମ୍ମିଳନୀ ୨୦୨୬ ଆସନ୍ତାମାସ ୨୮ରୁ ୩୧ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ ।

## ମୀର୍ଜାପୁର-ଆକ୍ସିଡେଣ୍ଟ

ଉତ୍ତରପ୍ରଦେଶର ମୀର୍ଜାପୁର ଅନ୍ତର୍ଗତ ଡ୍ରମଣ୍ଡଗଞ୍ଜ ଅଞ୍ଚଳରେ ଗତକାଲି ଏକ ସଡ଼କ ଦୁର୍ଘଟଣାରେ ୧୧ ଜଣଙ୍କର ମୃତ୍ୟୁ ହୋଇଛି । ସେଥିରେ ୪ ଜଣ ଶିଶୁ ଅନ୍ତର୍ଭୁକ୍ତ । ପୁଲିସ ଦେଇଥିବା ସୂଚନା ଅନୁଯାୟୀ

ଘାଟୀରୁ ତଳକୁ ଆସୁଥିବା ଏକ ଟ୍ରକ୍‌ର ବ୍ରେକ୍ ଫେଲ୍ ହେବାରୁ ନିୟନ୍ତ୍ରଣ ହରାଇ ୨ଟି କାର୍ ଏବଂ ପରେ ଗୋଟିଏ ଟ୍ରଲରକୁ ଧକ୍କା ଦେଇଥିଲା । ଫଳରେ ଗାଡ଼ିଗୁଡ଼ିକରେ ନିଆଁ ଲାଗିଯାଇଥିବା ଜଣାପଡିଛି । ଦୁର୍ଘଟଣାର କାରଣ ନେଇ ପୁଲିସ ତଦନ୍ତ କରୁଛି । ମୃତକଙ୍କ ମଧ୍ୟରୁ କେତେକଙ୍କୁ ଚିହ୍ନଟ କରାଯାଇଥିବାବେଳେ ଅନ୍ୟମାନଙ୍କର ଚିହ୍ନଟ ପ୍ରକ୍ରିୟା ଜାରି ରହିଛି ।

ଏହି ଦୁର୍ଘଟଣା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ପୃଥକ୍ ପୃଥକ୍ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେମାନେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ସମବେଦନା ଜ୍ଞାପନ କରିବା ସହ ଆହତଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ ପାଣ୍ଠିରୁ ଶ୍ରୀମୋଦୀ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ଲାଗି ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ।

## ସୋନଓ୍ୱାଲ-ମାରିଟାଇମ

ବନ୍ଦର ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ କହିଛନ୍ତି ଗତ ୧୨ ବର୍ଷ ମଧ୍ୟରେ ଭାରତର ଅଭିବୃଦ୍ଧିରେ ସାମୁଦ୍ରିକ କ୍ଷେତ୍ର ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ସୋନଓ୍ୱାଲ

କହିଛନ୍ତି ଦେଶର ସାଗରମାଳା ପ୍ରକଳ୍ପ ଏ କ୍ଷେତ୍ରରେ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି । ଅନ୍ତର୍ଦେଶୀୟ ଜଳ ପରିବହନ କ୍ଷେତ୍ରରେ ୭ଗୁଣ ବୃଦ୍ଧି ଘଟିଥିବାବେଳେ ଗତ ଆର୍ଥିକ ବର୍ଷରେ ରେକର୍ଡ ପରିମାଣର ୯୧୫ ଟନ୍ ପଣ୍ୟ ପରିବହନ ହୋଇଛି । ଦେଶର ସାମୁଦ୍ରିକ କ୍ଷେତ୍ରରେ ଏଭଳି ପରିବର୍ତ୍ତନ ସୁଦୃଢ଼ ଭିତ୍ତିଭୂମି ଏବଂ ଉନ୍ନତ ଇକୋ ସିଷ୍ଟମକୁ ପ୍ରତିଫଳନ କରୁଛି । ଦକ୍ଷତାସମ୍ପନ୍ନ ଏବଂ ସମାବେଶୀ କ୍ଷେତ୍ର ଦେଶର ବାଣିଜ୍ୟ କାରବାରକୁ ତ୍ୱରାନ୍ୱିତ କରିଛି ବୋଲି ମନ୍ତ୍ରୀ ଶ୍ରୀ ସୋନଓ୍ୱାଲ କହିଛନ୍ତି ।

## ଇଣ୍ଡିଆ-ଇଜିପ୍ଟ ଡିଫେନ୍ସ କମିଟି

ଇଜିପ୍ଟର କାଇରୋଠାରେ ଏକାଦଶ ଭାରତ-ଇଜିପ୍ଟ ମିଳିତ ପ୍ରତିରକ୍ଷା କମିଟି ବୈଠକ ଗତକାଲି ଶେଷ ହୋଇଛି । ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗକୁ ବୃଦ୍ଧି କରିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ପ୍ରତିରକ୍ଷା ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟନେଇ ଉଭୟ ଦେଶ ନିଜର ଅଙ୍ଗୀକାରବଦ୍ଧତାକୁ ପ୍ରକାଶ କରିଛନ୍ତି । ଦ୍ୱିପାକ୍ଷିକ ସାମୁଦ୍ରିକ ସହଯୋଗକୁ ସଶକ୍ତ କରିବା ଲକ୍ଷ୍ୟନେଇ ଉଭୟ ଦେଶର ନୌସେନା ଅଧିକାରୀଙ୍କ ମଧ୍ୟରେ ମତ ବିନିମୟ ହୋଇଛି । ଇଜିପ୍ଟ ଗସ୍ତରେ ଯାଇଥିବା ଭାରତୀୟ ପ୍ରତିନିଧିମଣ୍ଡଳୀ ହେଲିଓପୋଲିସ ଯୁଦ୍ଧ ସ୍ମାରକୀ ପରିଦର୍ଶନ କରିବା ସହ ସେଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

## ବିର୍ଲା-ଡିପିଏସ୍

ଶିକ୍ଷା କେବଳ ଜ୍ଞାନ ଆହରଣର ମାଧ୍ୟମ ନୁହେଁ ବରଂ ସାମଗ୍ରିକ ବ୍ୟକ୍ତିତ୍ୱ ବିକାଶ ଓ ଜୀବନ ମୂଲ୍ୟବୋଧକୁ ଉନ୍ନତ କରିବାର ଏକ ନିରନ୍ତର ପ୍ରକ୍ରିୟା ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି । ନୂଆଦିଲ୍ଲୀଠାରେ ଏକ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ ସମାରୋହରେ ଯୋଗଦେଇ ଶ୍ରୀ ବିର୍ଲା ପରିବର୍ତ୍ତିତ ପରିସ୍ଥିତି ଆଧାରରେ ନବସୃଜନ, ମୌଳିକ ଚିନ୍ତାଧାରା ଏବଂ ପ୍ରଯୁକ୍ତି ବିଦ୍ୟା ଉପଯୋଗ ମାଧ୍ୟମରେ ଆଗକୁ ବଢ଼ାଇବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ଦେଶର ଶିକ୍ଷା ବ୍ୟବସ୍ଥା ପାଇଁ ନୂତନ ମାର୍ଗ ଉନ୍ମୁକ୍ତ ହୋଇଛି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜିଜ୍ଞାସା, ପ୍ରତିଭା ଏବଂ ଦକ୍ଷତା ବିକାଶକୁ ଏହି ନୀତି ପ୍ରୋତ୍ସାହନ ପ୍ରଦାନ କରୁଛି । ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ଶ୍ରୀ ବିର୍ଲା ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି ।

## ବାଂଲାଦେଶ ପଲିଟିକାଲ

ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ଅମଳରେ ଗ୍ରହଣ କରାଯାଇଥିବା ଅନେକ ସଂସ୍କାର ଏବଂ ଅଧ୍ୟାଦେଶ ଇତିମଧ୍ୟରେ ଆଇନ୍‌ଗତ

ବୈଧତା ହରାଇଥିବା ଜଣାପଡିଛି । ପ୍ରଧାନମନ୍ତ୍ରୀ ତାରିକ ରହେମାନଙ୍କ ନେତୃତ୍ୱାଧୀନ ସରକାର ଏ ସଂକ୍ରାନ୍ତ ନିଷ୍ପତ୍ତି ଗ୍ରହଣ କରିବା ସହିତ ଅତି କମ୍‌ରେ ୨୦ଟି ଅଧ୍ୟାଦେଶ କାର୍ଯ୍ୟକାରୀତା ଗତ କାଲିଠାରୁ ବନ୍ଦ କରିଛନ୍ତି । ଏଥିସହ ଜାତୀୟ ସଂସଦର ପ୍ରଥମ ବୈଠକ ପରେ ୩୦ଦିନର ସାମ୍ବିଧାନିକ ସମୟସୀମା ମଧ୍ୟରେ ଅନୁମୋଦନ ହାସଲ କରିପାରିନଥିବା ୧୩ଟି ପଦକ୍ଷେପ ଅକାମୀ ହୋଇଥିବା ଜଣାପଡିଛି । ବାଂଲାଦେଶ ସଂସଦରୁ ମିଳିଥିବା ସୂଚନା ଅନୁଯାୟୀ ବୈଧତା ହରାଇଥିବା ଅଧ୍ୟାଦେଶଗୁଡ଼ିକ ମଧ୍ୟରେ ଦୁର୍ନୀତି ବିରୋଧୀ ପଦକ୍ଷେପ, ବଳପୂର୍ବକ ଅପହରଣ ଏବଂ ପୁଲିସ ସଂସ୍କାର ଆଦି ରହିଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନଇ ସୁପରକିଙ୍ଗ୍‌ସ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମଠାରେ ସଂଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ ।

ଗତକାଲିର ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ' ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍‌ସକୁ ୪୦ ରନ୍‌ରେ ପରାସ୍ତ କରିଛି । ଏହି ବିଜୟ ସହିତ ରାଜସ୍ଥାନ ରୟାଲ୍ସ ୭ଟି ମ୍ୟାଚ୍‌ରୁ ୧୦ ପଏଣ୍ଟ ପାଇ ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନରେ

ରହିଥିବାବେଳେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍ସ କ୍ରମାଗତ ଚତୁର୍ଥ ପରାଜୟ ପରେ ନବମ ସ୍ଥାନରେ ଅଛି ।